# NATIONAL NEWS BULLETIN (ODIA)

## 7 June - 2025

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମିକୁ ଅଧିକ ସଶକ୍ତ କରିବା ଲାଗି ଉପଯୁକ୍ତ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବା ଉପରେ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱାରୋପ
- ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସହଯୋଗକୁ ସୁଦୃଢ଼ କରିବା ସହିତ କୃତ୍ରିମ ବୁଦ୍ଧିମତା ଆଧାରିତ ପ୍ରଯୁକ୍ତିବିଦ୍ୟା ବ୍ୟବହାରକୁ ପ୍ରୋତ୍ସାହନ ଦେବା ଲାଗି ବ୍ରିକ୍ସ ରାଷ୍ଟ୍ର ସମୂହକୁ ଲୋକସଭା ବାଚସ୍ପତିଙ୍କ ଆହ୍ୱାନ
- କୃଷି କ୍ଷେତ୍ରକୁ ଅଧିକ ସମୃଦ୍ଧ କରାଯାଇପାରିଲେ ହିଁ ଏକ ବିକଶିତ ଭାରତ ଗଠନ ସ୍ୱପ୍ନ ସାକାର ହୋଇପାରିବ; କହିଲେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ
- ଭାରତ ଓ ବ୍ରିଟେନ୍ ମୁକ୍ତ ବାଣିଜ୍ୟ ରାଜିନାମାକୁ ଏକ ମାଇଲଖୁଣ୍ଟ ଭାବେ ଅଭିହିତ କଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ

ଏବଂ

- ତାଇଓ୍ୱାନ ଓପନ୍ କ୍ରୀଡ଼ା ପ୍ରତିଯୋଗିତାର ପ୍ରଥମ ଦିନରେ  ଚାରୋଟି ସ୍ୱର୍ଣ୍ଣ ପଦକ ହାସଲ କଲା ଭାରତ

## ପିଏମ୍-ସିଡିଆର୍‌ଆଇ

ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମିକୁ ଅଧିକ ସଶକ୍ତ କରିବା ସହିତ ଏହାର ସଫଳ ପରିଚାଳନା ଲାଗି ଉପଯୁକ୍ତ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବା ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁତ୍ୱାରୋପ କରିଛନ୍ତି। ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି-୨୦୨୫ ଆନ୍ତର୍ଜାତିକ ସମ୍ମିଳନୀରେ ଭିଡିଓ ବାର୍ତ୍ତା ଦେଇ ସେ ଏହା କହିଛନ୍ତି। ଶ୍ରୀ ମୋଦୀ କହିଛନ୍ତି, ଏ ଦିଗରେ ବିକାଶଶୀଳ ଦେଶଗୁଡ଼ିକ ଲାଗି ପର୍ଯ୍ୟାପ୍ତ ଅର୍ଥର ଉପଲବ୍ଧ କରାଇବା ଉଚିତ। ସେହିଭଳି ବିପର୍ଯ୍ୟୟ ସତର୍କ ସୂଚନା ବ୍ୟବସ୍ଥାକୁ ଅଧିକ ସଶକ୍ତ କରାଯିବା ସହିତ ଏ ଦିଗରେ ଉପଯୁକ୍ତ ସମନ୍ୱୟ ରକ୍ଷା କରାଯାଇପାରିଲେ ସମୟୋପଯୋଗୀ ନିଷ୍ପତ୍ତି ନିଆଯାଇପାରିବ ବୋଲି ଶ୍ରୀ ମୋଦୀ ମତବ୍ୟକ୍ତ କରିଛନ୍ତି। ଏହାଦ୍ୱାରା ପ୍ରତ୍ୟେକ ପ୍ରଭାବିତ ବ୍ୟକ୍ତିଙ୍କୁ ଠିକ୍ ସମୟରେ ସୂଚନା ପ୍ରଦାନ କରାଯିବା ସହିତ ବିପର୍ଯ୍ୟୟରୁ ରକ୍ଷା କରାଯାଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ସବୁ ପ୍ରସଙ୍ଗ ଚଳିତ ସମ୍ମିଳନୀରେ ସ୍ଥାନ ପାଇବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଏହି ସମ୍ମିଳନୀରେ ଆଫ୍ରିକୀୟ ସଂଘ ଯୋଗ ଦେଇଥିବାରୁ ପ୍ରଧାନମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଛନ୍ତି। ପ୍ରଥମଥର ଲାଗି ଫ୍ରାନ୍ସ ଏହି ସମ୍ମିଳନୀ ଆୟୋଜନ କରିଥିବାରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ୍‌ଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ପ୍ରଧାନମନ୍ତ୍ରୀ–ରାଜନାଥ ସିଂହ

ଭାରତ ଉପରେ ଯେକୌଣସି ଆକ୍ରମଣର ଦୃଢ଼ ଜବାବ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ସମ୍ପ୍ରତି ଏକ ଦୈନିକ ସମ୍ବାଦପତ୍ରରେ ସୀମାପାର ଆତଙ୍କବାଦ ପ୍ରତି ଭାରତର ଶୂନ୍ୟସହନଶୀଳତା ସୁନିଶ୍ଚିତ ସମ୍ପର୍କିତ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କର ଆଲେଖ୍ୟ ଉପରେ ନିଜ ପ୍ରତିକ୍ରିୟା ରଖି ପ୍ରଧାନମନ୍ତ୍ରୀ ଏହା କହିଛନ୍ତି। ଶ୍ରୀ ମୋଦୀ କହିଛନ୍ତି, ଭାରତର ଏହି ଶୂନ୍ୟସହନଶୀଳତା ନୀତିକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆତଙ୍କବାଦୀ ଏବଂ ସେମାନଙ୍କୁ ପ୍ରୋତ୍ସାହନ ଦେଉଥିବା ଅପରାଧୀଙ୍କ ମଧ୍ୟରେ କୌଣସି ପ୍ରକାର ପାର୍ଥକ୍ୟ କରାଯିବ ନାହିଁ।

ଏହି ଆଲେଖ୍ୟରେ ପ୍ରତିରକ୍ଷା ମନ୍ତ୍ରୀ ପାକିସ୍ତାନ ପ୍ରାୟୋଜିତ ସନ୍ତ୍ରାସବାଦ ବିପକ୍ଷରେ ଭାରତର ଶୂନ୍ୟସହନଶୀଳତା ନୀତି କାର୍ଯ୍ୟକାରୀ କରିବା ସମ୍ପର୍କରେ ଅବତାରଣା କରିଛନ୍ତି। ସେ କହିଛନ୍ତି, ଆଲୋଚନା ଏବଂ ସନ୍ତ୍ରାସବାଦ କାର୍ଯ୍ୟକଳାପ ଏକ ସଙ୍ଗରେ କରାଯାଇପାରିବ ନାହିଁ। ଭବିଷ୍ୟତରେ ପାକିସ୍ତାନ ସହିତ କେବଳ ସନ୍ତ୍ରାସବାଦ ଏବଂ ପାକ୍ ଅଧିକୃତ କାଶ୍ମିର ଉପରେ ହିଁ ଆଲୋଚନା କରାଯିବ। ସନ୍ତ୍ରାସବାଦକୁ ପ୍ରତିହତ କରିବା ପ୍ରସଙ୍ଗକୁ ଯଦି ପାକିସ୍ତାନ ଗମ୍ଭୀର ଭାବରେ ଗ୍ରହଣ କରିଥାଏ ତେବେ ମିଳିତ ଜାତିସଂଘ ଦ୍ୱାରା ଆତଙ୍କବାଦୀ ରୂପେ ଘୋଷିତ ହାଫିଜ ସଇଦ୍ ଏବଂ ମସହୁଦ ଆଝାହାରକୁ ପ୍ରଥମେ ହସ୍ତାନ୍ତର କରିବା ଉଚିତ

ବୋଲି ଶ୍ରୀ ସିଂହ କହିଛନ୍ତି। ସେ କହିଛନ୍ତି, ଆତଙ୍କବାଦ ବର୍ତ୍ତମାନ କେବଳ ଭାରତର ସମସ୍ୟା ହୋଇ ରହିନାହିଁ ବରଂ ଏହା ଏକ ବୈଶ୍ୱିକ ଆହ୍ୱାନ ରୂପେ ପରିଣତ ହୋଇଛି। ବିଶ୍ୱରୁ ସନ୍ତ୍ରାସବାଦ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ବିଲୋପ କରିବା ଲାଗି ସବୁଦେଶ ସାମଗ୍ରୀକ ପ୍ରଚେଷ୍ଟା କରିବା ଉପରେ ପ୍ରତିରକ୍ଷା ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏଥିଲାଗି ସନ୍ତ୍ରାସବାଦୀ ସଂଗଠନଗୁଡ଼ିକୁ ପାଣ୍ଠି ଯୋଗାଣ ବନ୍ଦ କରିବା ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଶ୍ରୀ ସିଂହ ବିଶ୍ୱ ସମୁଦାୟକୁ ଆହ୍ୱାନ ଦେଇଛନ୍ତି।

## ଓମ୍‌ବିର୍ଲା-ବ୍ରିକ୍ସ

ଭାରତ ସର୍ବଦା ଆଇନ୍ ବ୍ୟବସ୍ଥାକୁ ସମ୍ମାନ ଜଣାଇବା ସହ ବିଶ୍ୱସ୍ତରୀୟ ସହଯୋଗ ଏବଂ ପାରସ୍ପରିକ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନକୁ ପ୍ରୋତ୍ସାହିତ କରିଆସିଛି ବୋଲି ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି । ବ୍ରାଜିଲ୍‌ର ବ୍ରାସିଲିଆଠାରେ ଅନୁଷ୍ଠିତ ଏକାଦଶତମ ବ୍ରିକ୍ସ ସଂସଦୀୟ ଫୋରମ୍‌ରେ ଭାରତୀୟ ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ନେବା ଅବସରରେ ଏକ ଭିଡ଼ିଓ ବାର୍ତ୍ତା ପ୍ରଦାନ କରି ଶ୍ରୀ ବିର୍ଲା ଏହା କହିଛନ୍ତି । ବ୍ରିକ୍ସ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସହଯୋଗକୁ ସୁଦୃଢ଼ କରିବା, କୃତ୍ରିମ ବୁଦ୍ଧିମତା ଆଧାରିତ ପ୍ରଯୁକ୍ତିବିଦ୍ୟା ବ୍ୟବହାରକୁ ପ୍ରୋତ୍ସାହନ ପ୍ରଦାନ କରିବା ଏବଂ ଆର୍ଥିକ ପ୍ରସଙ୍ଗରେ ମିଳିତଭାବେ କାର୍ଯ୍ୟକରିବା ଉପରେ ଶ୍ରୀ ବିର୍ଲା ଗୁରୁତ୍ୱ ଦେଇଛନ୍ତି । ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ବ୍ରିକ୍ସ ସଦସ୍ୟ ରାଷ୍ଟ୍ର ନିନ୍ଦା କରିଛନ୍ତି । ଆତଙ୍କବାଦ ବିରୁଦ୍ଧରେ ଶୂନ୍ୟ

ସହନଶୀଳ ନୀତି ଗ୍ରହଣ କରିବା ନେଇ ସଦସ୍ୟ ରାଷ୍ଟ୍ରଙ୍କର ମିଳିତ ପ୍ରୟାସ ପାଇଁ ବାଚସ୍ପତି ଶ୍ରୀ ବିର୍ଲା ଆହ୍ୱାନ ଦେଇଛନ୍ତି ।

**V/O– OM-BIRLA-BRICS**

ପରବର୍ତ୍ତୀ ବ୍ରିକ୍ସ ସମ୍ମିଳନୀ ଭାରତରେ ଆୟୋଜନ କରାଯିବ ବୋଲି ସେ କହିଛନ୍ତି । ଏଥିରେ ଅର୍ଥନୈତିକ, ସାମାଜିକ, ବାଣିଜ୍ୟ, କୃତ୍ରିମ ବୁଦ୍ଧିମତା ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ଗୁଡ଼ିକ ଉପରେ ସଦସ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ମତ ବିନିମୟ ହେବ ବୋଲି ଲୋକସଭା ବାଚସ୍ପତି ଶ୍ରୀ ବିର୍ଲା କହିଛନ୍ତି ।

# ଶାହା– ନକ୍ସଲ ଓପି ଅଫିସର୍ସ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଭାରତକୁ ସମ୍ପୂର୍ଣ୍ଣ ରୂପେ ନକ୍ସଲ ମୁକ୍ତ କରିବା ଦିଗରେ ସରକାରଙ୍କ ପ୍ରତିବଦ୍ଧତା ଦୋହରାଇଛନ୍ତି । ଆଜି ନୂଆଦିଲ୍ଲୀଠାରେ ନକ୍ସଲ ବିରୋଧୀ ଅପରେସନ୍‌ରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ଅଧିକାରୀମାନଙ୍କୁ ଭେଟିବା ପରେ ସାମାଜିକ ଗଣମାଧମରେ ସେ ଏହି ସୂଚନା ଦେଇଛନ୍ତି । ଶ୍ରୀ ଶାହା କହିଛନ୍ତି, ନକ୍ସଲ ବିରୋଧୀ ଏହି ଐତିହାସିକ ସଫଳତା ଲାଗି ସେ ସୁରକ୍ଷା ଅଧିକାରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଖୁବ୍‌ଶୀଘ୍ର ସେ ଛତିଶଗଡ଼ ଗସ୍ତ କରି ଏହି ଅପରେସନ୍‌କୁ ସଫଳ କରିଥିବା ସୈନିକମାନଙ୍କୁ ଭେଟିବେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

# ଶିବରାଜ ଚୌହ୍ୱାନ- ଭିଜିଟ୍

କୃଷି କ୍ଷେତ୍ରକୁ ଅଧିକ ସୁସଂହତ କରାଯିବା ସହିତ କୃଷକମାନଙ୍କୁ ସମୃଦ୍ଧ କରାଯାଇପାରିଲେ ହିଁ ଏକ ବିକଶିତ ଭାରତ ଗଠନ ସ୍ୱପ୍ନ ସାକାର ହୋଇପାରିବ ବୋଲି କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ କହିଛନ୍ତି।  ଆଜି ମଧ୍ୟପ୍ରଦେଶର ଶିହୋରଠାରେ ବିବିଧ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଅବସରରେ ଅନୁଷ୍ଠିତ ଏକ ସମାରୋହରେ ଉଦ୍‌ବୋଧନ ଦେଇ ଶ୍ରୀ ଚୌହ୍ୱାନ କହିଛନ୍ତି, ବିକଶିତ କୃଷି ସଂକଳ୍ପ ଅଭିଯାନ ମାଧ୍ୟମରେ କୃଷକମାନେ କୃଷି ବିଜ୍ଞାନୀମାନଙ୍କର ପରାମର୍ଶ ଅନୁଯାୟୀ କାର୍ଯ୍ୟ କଲେ ଅଧିକ ଲାଭବାନ ହୋଇପାରିବେ।

**V/O - SHIVRAJ-NEW**

ଏହି ସମାରୋହରେ ଶ୍ରୀ ଚୌହ୍ୱାନ ମଧ୍ୟପ୍ରଦେଶରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆୱାସ ଯୋଜନା-୨୦୧୮ର ହିତାଧିକାରୀମାନଙ୍କୁ ପକ୍କାଘର ବଣ୍ଟନ କରିଛନ୍ତି। ଏହି ଯୋଜନା ଅଧୀନରେ ନିର୍ମିତ ହୋଇଥିବା ୭ ଲକ୍ଷ ୮୫ ହଜାର ୩୫୬ଟି ଘର ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୯ ହଜାର ୪୨୪ କୋଟି ଟଙ୍କା ମଞ୍ଜୁର କରିଥିଲେ। ଏହି ଅବସରରେ ମନରେଗା ଯୋଜନା ଅଧୀନରେ ମଧ୍ୟପ୍ରଦେଶ ଲାଗି ୬ ହଜାର ୨୬୩ କୋଟି ଟଙ୍କାର ଏକ ଶ୍ରମିକ ବଜେଟ୍ ମଧ୍ୟ କୃଷି ମନ୍ତ୍ରୀ ଘୋଷଣା କରିଛନ୍ତି।

# ଜୟଶଙ୍କର ସେକ୍ରେଟାରୀ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଭାରତ ଓ ବ୍ରିଟେନ ମଧ୍ୟରେ ସମ୍ପ୍ରତି ସମ୍ପନ୍ନ ହୋଇଥିବା ମୁକ୍ତ ବାଣିଜ୍ୟ ରାଜିନାମା– ଏଫ୍.ଟି.ଏ.କୁ ଏକ ମାଇଲଖୁଣ୍ଟ ଭାବେ ଅଭିହିତ କରିଛନ୍ତି। ଆଜି ନୂଆଦିଲ୍ଲୀଠାରେ ବ୍ରିଟେନ୍ ବୈଦେଶିକ ସଚିବ ଡେଭିଡ୍ ଲାମିଙ୍କ ସହିତ ସାକ୍ଷାତ ଆଲୋଚନା ସମୟରେ ଏହି ପ୍ରତିକ୍ରିୟା ରଖି ଡକ୍ଟର ଜୟଶଙ୍କର କହିଛନ୍ତି, ଦୁଇଦେଶ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ଉଭୟ ଚୁକ୍ତିନାମା ଏଫ୍.ଟି.ଏ. ଏବଂ ଡବଲ୍ କଣ୍ଟ୍ରିବ୍ୟୁସନ୍ କନଭେନସନ୍ କେବଳ ବାଣିଜ୍ୟ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବା ତାହା ନୁହେଁ ବରଂ ଦ୍ୱିପକ୍ଷୀୟ ସମ୍ପର୍କକୁ ଅଧିକ ସଶକ୍ତ କରିବା ଦିଗରେ ରଣନୈତିକ ଦିଗଗୁଡ଼ିକ ଉପରେ ସକରାତ୍ମକ ପ୍ରଭାବ ପକାଇବ। ଏହାଛଡ଼ା ଯୋଗାଣ ଓ ମୂଲ୍ୟଶୃଙ୍ଖଳା ସୁଦୃଢ଼ କରିବା ଦିଗରେ ଏହି ରାଜିନାମା ସହାୟକ ହେବ ବୋଲି ଡକ୍ଟର ଜୟଶଙ୍କର ମତବ୍ୟକ୍ତ କରିଛନ୍ତି। ପହଲଗାମ ସନ୍ତ୍ରାସବାଦୀ ଆକ୍ରମଣକୁ ବ୍ରିଟେନ ସରକାର ଦୃଢ଼ ନିନ୍ଦା କରିବା ସହିତ ସନ୍ତ୍ରାସବାଦୀ ବିରୋଧୀ ଲଢ଼େଇରେ ଭାରତକୁ ସମର୍ଥନ ଦେଇଥିବାରୁ ଡକ୍ଟର ଜୟଶଙ୍କର ଧନ୍ୟବାଦ ଜଣାଇଛନ୍ତି। ସନ୍ତ୍ରାସବାଦ ବିରୁଦ୍ଧରେ ଭାରତର ଶୂନ୍ୟସହନଶୀଳତା ନୀତିର କାର୍ଯ୍ୟକାରିତା ଉପରେ ଡକ୍ଟର ଜୟଶଙ୍କର ଆଲୋକପାତ କରିବା ସହିତ ଭାଗିଦାରୀ ରାଷ୍ଟ୍ରଗୁଡ଼ିକ ଏହାକୁ ଉତ୍ତମ ରୂପେ ହୃଦୟଙ୍ଗମ କରିପାରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି।

## ଜିତେନ୍ଦ୍ର–ଫ୍ରାନ୍ସ

ଆନ୍ତର୍ଜାତିକ ମହାସାଗର ସମ୍ମିଳନୀରେ ଯୋଗଦେବା ଲାଗି କେନ୍ଦ୍ର ଭୂବିଜ୍ଞାନ ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଆଜି ଫ୍ରାନ୍ସ ଅଭିମୁଖେ ଯାତ୍ରା କରିଛନ୍ତି। ମିଳିତ ଜାତିସଂଘ ମହାସାଗର ସମ୍ମିଳନୀ ଫ୍ରାନ୍ସର ଉପକୂଳ ସହର ନାଇସ୍‌ଠାରେ ଆସନ୍ତାକାଲିଠାରୁ  ଆରମ୍ଭ ହେବ। ଏହା ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଉଚ୍ଚସ୍ତରୀୟ ଆନ୍ତର୍ଜାତିକ ସମ୍ମିଳନୀରେ ବିଭିନ୍ନ ରାଷ୍ଟ୍ରର ନେତୃବୃନ୍ଦ, ବୈଜ୍ଞାନିକ, ନୀତି ନିର୍ଦ୍ଧାରକ, ଏହି କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଶେଷଜ୍ଞ ଯୋଗଦେଇ ଏକ ନିରନ୍ତର ମହାସାଗର ବ୍ୟବସ୍ଥା ବଜାୟ ରଖିବା ଦିଗରେ ନୀତିନିର୍ଦ୍ଧାରଣ ସମ୍ପର୍କରେ ଆଲୋଚନା କରିବେ।

## ଅଲ୍ ପାର୍ଟି ଡେଲିଗେସନ୍

ବିଜେପି ସାଂସଦ ରବି ଶଙ୍କର ପ୍ରସାଦଙ୍କ ନେତୃତ୍ୱରେ ଜର୍ମାନ ଯାଇଥିବା ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ବର୍ଲିନଠାରେ ସେଠାକାର ନେତୃବୃନ୍ଦଙ୍କୁ ସନ୍ତ୍ରାସବାଦ ବିପକ୍ଷରେ ଭାରତର ଶୂନ୍ୟସହନଶୀଳତା ନୀତି ସମ୍ପର୍କରେ ଅବଗତ କରାଇଛନ୍ତି। ଏହି ପ୍ରତିନିଧି ମଣ୍ଡଳୀ ସୀମାପାର ଆତଙ୍କବାଦ କାର୍ଯ୍ୟକଳାପକୁ  ନିୟନ୍ତ୍ରଣ କରିବା ଦିଗରେ ଭାରତର ପଦକ୍ଷେପ ଏବଂ ସନ୍ତ୍ରାସବାଦୀ ଓ ସେମାନଙ୍କର ଶିବିରଗୁଡ଼ିକୁ ଧ୍ୱଂସ କରିବା

ଲାଗି କରାଯାଇଥିବା ଅପରେସନ୍ ସିନ୍ଦୂର ସମ୍ପର୍କରେ ଜର୍ମାନ ସାଂସଦଙ୍କୁ ଅବଗତ କରାଇଛନ୍ତି। ଏ ଦିଗରେ ଭାରତର ପଦକ୍ଷେପକୁ ଜର୍ମାନ ସମର୍ଥନ କରିବା ସହିତ ସନ୍ତ୍ରାସବାଦ ବିପକ୍ଷରେ ମିଳିତ ଭାବେ ଲଢ଼େଇ କରିବା ଲାଗି ଆନ୍ତର୍ଜାତିକ ସମୁଦାୟକୁ ଆହ୍ୱାନ ଦେଇଛି। ଏହି ଅବସରରେ ଦୁଇ ଦେଶ ମଧ୍ୟରେ ରଣନୈତିକ ଭାଗିଦାରୀକୁ ଅଧିକ ସଶକ୍ତ କରିବା ଲାଗି ପ୍ରତିରକ୍ଷା, ନିରାପତ୍ତା ଏବଂ ସନ୍ତ୍ରାସବାଦ ବିରୋଧୀ କାର୍ଯ୍ୟାନୁଷ୍ଠାନରେ ଭାରତ–ଜର୍ମାନ ସହଯୋଗ କିଭଳି ଅଧିକ ସୁଦୃଢ଼ ହୋଇପାରିବ ସେ ସମ୍ପର୍କରେ ଅଲୋଚନା କରାଯାଇଛି।

## ତାଇୱାନ ଓପନ୍ ଗୋଲ୍ଡ

ତାଇୱାନ ଓପନ୍ କ୍ରୀଡ଼ା ପ୍ରତିଯୋଗିତାର ପ୍ରଥମ ଦିନରେ ଭାରତ ଚାରୋଟି ସ୍ୱର୍ଣ୍ଣ ପଦକ ହାସଲ କରିଛି। ମହିଳା ୧୫ ଶହ  ମିଟର ଦୌଡ଼ରେ ପୂଜା ଭାରତ ଲାଗି ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିଭଳି ପୁରୁଷ ତ୍ରିପଲ ଜମ୍ପ ବର୍ଗରେ ଅବଦୁଲ୍ଲା ଆବୁବାକର ଦେଶ ଲାଗି ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଆଣିଛନ୍ତି। ଏହାଛଡ଼ା ମହିଳା ୧୦୦ ମିଟର ହର୍ଡଲସ ବର୍ଗରେ ଜ୍ୟୋତି ୟାରାଜି ଏବଂ ପୁରୁଷ ୧୧୦ ମିଟର ହର୍ଡଲସ ବର୍ଗରେ ତେଜସ ଶୀର୍ଷେ ଅନ୍ୟ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି।